# ଓକିଲ ସଂଘର ଲାଇବ୍ରେରୀ ଓ ମହିମା ଆଶ୍ରମର ଭୋଗ ମଣ୍ଡପ ଉଦ୍‌ଘାଟିତ



**ରେଢ଼ାଖୋଲ, ୨୦।୧୨(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ କଚେରୀ ଛକରେ ଶନିବାର ଦିନ ବାର୍ ଆସୋସିଏସନ୍ ଏକ ଭବ୍ୟ ପାଠାଗାର ଏବଂ କଲେଜଛକସ୍ଥିତ ମହିମା ଆଶ୍ରମରେ ଏକ ଭୋଗ ମଣ୍ଡପ ଉଦ୍‌ଘାଟନ କରିଛନ୍ତି ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ। ବାର୍ ଆସୋସିଏସନ୍‌କୁ ପ୍ରସନ୍ନ ଆଚାର୍ଯ୍ୟଙ୍କ ରାଜ୍ୟ ସଭା ପାଣ୍ଠିରୁ ନିର୍ମିତ ଏହି ପାଠାଗାର ତଥା ଲାଇବ୍ରେରୀକୁ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ସମ୍ମାନିତ ଅତିଥି ଭାବେ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତ, ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ, ବାର୍ ଆସୋସିଏସନ୍ ସଭାପତି ଅଭୟ କୁମାର ବୀର, ସମ୍ପାଦକ ଅନ୍ତର୍ଯ୍ୟାମୀ ସାହୁ, ଉପସଭାପତି ଭବାନୀ ଶଙ୍କର ପଣ୍ଡା, ଯୁଗ୍ମ ସମ୍ପାଦକ ପରୀକ୍ଷିତ ଦାସ, ସହସମ୍ପାଦକ ଦେବାଶିଷ ପ୍ରଧାନ, କୋଷାଧ୍ୟକ୍ଷ ଜନ୍ମେଜୟ ସାହୁ, ଲାଇବ୍ରେରୀଆନ୍ ସଂଗ୍ରାମ କେଶରୀ ନାୟକ ପ୍ରମୁଖ ସମେତ ସଂଘର ଅନ୍ୟ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସେହିପରି କଲେଜ ଛକ ନିକଟ ମହିମା ଆଶ୍ରମରେ ମଧ୍ୟ ଏକ ଭୋଗ ମଣ୍ଡପ ଲୋକାର୍ପଣ କରିଛନ୍ତି।

# ଘନ କୁହୁଡ଼ି ସୁରକ୍ଷା ସଚେତନତା ଆଡ୍‌ଭାଇଜରି ଜାରି

**ସମ୍ବଲପୁର, ୨୦।୧୨ (ସମିସ)**

ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ) ପକ୍ଷରୁ ଘନ କୁହୁଡ଼ି ସୁରକ୍ଷା ସଚେତନତା ପାଇଁ ଆଡଭାଇଜରି ଜାରି କରାଯାଇଛି। ସେଥିରେ ଉଲ୍ଲେଖ କରାଯାଇଛି ଯେ, ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଦ୍ୱାରା ସୂଚିତ ହୋଇଛି ଯେ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, କଳାହାଣ୍ଡି, କନ୍ଧମାଳ ଓ କୋରାପୁଟ ଜିଲ୍ଲାରେ ଘନ କୁହୁଡି ପଡ଼ିବ। ଦୃଶ୍ୟମାନତା କମିବା ଦ୍ୱାରା ଦୁର୍ଘଟଣାର ସମ୍ଭାବନା ବଢ଼ିଥାଏ। ଏଥିପାଇଁ ପାଳନ କରିବାକୁ କୁହାଯାଇଛି - ଦୃଶ୍ୟମାନତା ଅନୁସାରେ ଧୀର ଗତିରେ ଚାଳନା କରନ୍ତୁ, ଲୋ-ବିମ୍ ହେଡ୍‌ଲାଇଟ୍ ବ୍ୟବହାର କରନ୍ତୁ, ଆଗରେ ଥିବା ଯାନ ସହ ନିରାପଦ ଦୂରତା ରଖନ୍ତୁ, ପାର୍କିଂ ଲାଇଟ୍ ଓ ଟେଲ୍ ଲାଇଟ୍ ସଠିକ୍ ଭାବେ ଚାଲୁ ରଖନ୍ତୁ, ଘାଟ ଓ ମୋଡ଼ରେ ସାବଧାନତା ସହ ହର୍ଣ୍ଣ ବ୍ୟବହାର କରନ୍ତୁ ଏବଂ ଯଦି ଦୃଶ୍ୟମାନତା ୨୦ରୁ ୩୦ ମିଟରରୁ କମ୍ ହୁଏ, ସୁରକ୍ଷିତ ସ୍ଥାନରେ ଯାନ ରଖନ୍ତୁ। ସେହିପରି ଏଗୁଡ଼ିକ କରନ୍ତୁନାହିଁ ବୋଲି କୁହାଯାଇଛି ଯଥା - ହାଇବିମ୍ ବ୍ୟବହାର କରନ୍ତୁ ନାହିଁ, କୁହୁଡ଼ିରେ ଓଭରଟେକ୍ କରନ୍ତୁ ନାହିଁ, ହଠାତ୍ ବ୍ରେକ୍ ମାରନ୍ତୁ ନାହିଁ, ମଦ୍ୟପାନ କିମ୍ବା କ୍ଲାନ୍ତ ଅବସ୍ଥାରେ ଚାଳନା କରନ୍ତୁ ନାହିଁ, ରାସ୍ତା ମଝିରେ ଯାନ ରଖନ୍ତୁ ନାହିଁ। ଏହାବ୍ୟତୀତ ବାଣିଜ୍ୟିକ ଯାନ ପାଇଁ ବିଶେଷ ସୂଚନା ଦିଆଯାଇଛି ଯେ, ହେଡ୍‌ଲାଇଟ୍, ବ୍ରେକ୍ ଲାଇଟ୍ ଓ ରିଫ୍ଲେକ୍ଟର ସଠିକ ଅବସ୍ଥାରେ ରଖନ୍ତୁ, ଟ୍ରକ୍ / ବସରେ ରିଫ୍ଲେକ୍ଟିଭ୍ ଟେପ୍ ଅବଶ୍ୟ ଥିବା ଦରକାର, ଭୋର ସମୟରେ ଅନାବଶ୍ୟକ ଯାତ୍ରା ଏଡ଼ାନ୍ତୁ ଏବଂ ଅଭିଜ୍ଞ ଚାଳକଙ୍କୁ ନିଯୁକ୍ତ କରନ୍ତୁ। ଅସୁରକ୍ଷିତ ଗତି, ହାଇବିମ୍ ବ୍ୟବହାର କିମ୍ବା ନିୟମ ଉଲଂଘନ କଲେ ମୋଟର ଭେହିକିଲ୍ ଆକ୍ଟ, ୧୯୮୮ ଅନୁଯାୟୀ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଆର୍‌ଟିଓ, ସମ୍ବଲପୁର ପକ୍ଷରୁ ଚେତାବନୀ ଦିଆଯାଇଛି।

# ହାଇସ୍କୁଲ ପ୍ରଧାନଶିକ୍ଷକଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



**ସମ୍ବଲପୁର, ୨୦।୧୨ (ସମିସ) :** ସ୍ଥାନୀୟ ଧନକଉଡା ଉଚ୍ଚ ବିଦ୍ୟାଳୟଠାରେ ସମ୍ବଲପୁର ଜିଲ୍ଲାର ତିନୋଟି ବ୍ଲକର ହାଇସ୍କୁଲ ପ୍ରଧାନ ଶିକ୍ଷକଙ୍କ ପାଞ୍ଚଦିବସୀୟ ନେତୃତ୍ୱ ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ 'ସମ୍ଭବ' ଆଜି ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁ ଯୋଗଦେଇ ପ୍ରଶିକ୍ଷାର୍ଥୀ ପ୍ରଧାନ ଶିକ୍ଷକଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଜିଲ୍ଲା ବିଜ୍ଞାନ ନିରୀକ୍ଷକ ପାର୍ଥସାରଥୀ ପ୍ରଧାନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ବନବାସ ପ୍ରଧାନ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜୁ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ।

ପ୍ରଥମ ଦିବସରେ ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଉଦଘାଟନ କରି ବିଦ୍ୟାଳୟର ଉନ୍ନତିରେ ପ୍ରଧାନ ଶିକ୍ଷକଙ୍କ ମୁଖ୍ୟ ଭୂମିକା ରହିଥିବାରୁ ସଫଳ ନେତୃତ୍ୱର ବିକାଶରେ ପ୍ରଶିକ୍ଷଣ ସହାୟକ ହେବ ବୋଲି କହିଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସାଧନକର୍ମୀ ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁ, ମାନେଶ୍ୱର ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଲୋକିତା ଦାଶ, ଧନକଉଡ଼ା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ କରନ ଶର୍ମା, ରେଢ଼ାଖୋଲ ହାଇସ୍କୁଲର ପ୍ରଧାନଶିକ୍ଷକ ବେଣୁଧର ବରିହା, ବଲାରଙ୍ଗା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଦୀପାଳୀ ଚୌଧୁରୀ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମାନେଶ୍ୱର, ରେଙ୍ଗାଲି ଓ ଧନକଉଡ଼ା ବ୍ଲକର ୫୦ଜଣ ପ୍ରଧାନ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ଏଥିରେ ଅନ୍ତର୍ନିବେଶୀ ଶିକ୍ଷା, ବିଦ୍ୟାଳୟରେ ସୁରକ୍ଷିତ ବାତାବରଣ, ଡିଜିଟାଲ ଶିକ୍ଷା, ବିପର୍ଯ୍ୟୟ ପରିଚାଳନା, ଶିକ୍ଷଣ କୌଶଳ ତଥା ଛାତ୍ରଛାତ୍ରୀଙ୍କ ପାଇଁ ବିଭିନ୍ନ ଯୋଜନା ବିଷୟରେ ତାଲିମ ଦିଆଯାଇଥିଲା।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

**କୁଚିଣ୍ଡା, ୨୦।୧୨(ସମିସ):** କୁଚିଣ୍ଡା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟିର ସଭାପତି କ୍ଷମାଶୀଳ ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଙ୍କ ଅନୁପସ୍ଥିତିରେରେ ଶ୍ରୀ ଅରବିନ୍ଦ ଓ ମାତୃ ମୀରାଙ୍କ ଫଟୋ ଚିତ୍ରରେ ଧୂପ, ଦୀପ, ପୁଷ୍ପ ଦେଇ କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଗୋଷ୍ଠୀ ଶିକ୍ଷା ଅଧିକାରୀ, କୁଚିଣ୍ଡା ଗୀତା ପଧାନ, ମୁଖ୍ୟବକ୍ତା ଭାବରେ ବ୍ରଜରାଜନଗର ମହାବିଦ୍ୟାଳୟ ପଦାର୍ଥ ପ୍ରାଧ୍ୟାପକ ବିଜ୍ଞାନ ପ୍ରଫେସର ସୁପ୍ରକାଶ ଚୌଧୁରୀ ଯୋଗଦାନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି କ୍ଷମାଶୀଳ ପଟେଲ, ପରିଚାଳନା କମିଟି ସମ୍ପାଦକ ହରିହର ପଟେଲ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ପ୍ରଦାନ କରିଥିଲେ। ବିଦ୍ୟାଳୟର ସମ୍ପାଦକ ହରିହର ପଟେଲ ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିମାନେ ବିଦ୍ୟାଳୟ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଦ୍ୟାଳୟର ଉପସଭାପତି ମନୋଜ କୁମାର ସାହୁ ସଭା ପରିଚାଳନା କରିଥିବା ବେଳେ ଶିକ୍ଷକ ସୌକିତ ମହାପାତ୍ର ଧନ୍ୟବାଦ ଅର୍ପଣ କରି ଥିଲେ।

# ପ୍ରଭୁଜୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ରୌପ୍ୟ ଜୟନ୍ତୀ

**ରେଢ଼ାଖୋଲ, ୨୦।୧୨(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହର ପ୍ରଭୁଜୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ବୃନ୍ଦାବନ ବିହାର ପରିସରରେ ରୌପ୍ୟ ଜୟନ୍ତୀ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ଛାତ୍ର ସମ୍ମିଳନୀ ଆବର୍ତ୍ତନ ଅତ୍ୟନ୍ତ ଭବ୍ୟ ଓ ଉତ୍ସାହଭରା ପରିବେଶରେ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ ବିଦ୍ୟାଳୟର ୨୫ ବର୍ଷର ଶିକ୍ଷାତ୍ମକ ଯାତ୍ରାକୁ ପ୍ରଶଂସା କରି ଶିକ୍ଷା କେବଳ ପାଠ ପୁସ୍ତକରେ ସୀମିତ ନୁହେଁ, ମୂଲ୍ୟବୋଧ, ସଂସ୍କାର ଓ ମାନବିକତା ଗଢ଼ିବା ହିଁ ପ୍ରକୃତ ଶିକ୍ଷା ତା ସହିତ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ସହିତ ଆଗାମୀ ଦିନରେ ଶହ ଶହ ଧର୍ମପଦ ଗଠନ କରିବା ଦରକାର ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ଯୋଗଦେଇ ପୂର୍ବତନ ଛାତ୍ରଛାତ୍ରୀ ବିଦ୍ୟାଳୟର ସର୍ବଶ୍ରେଷ୍ଠ ପରିଚୟ ଏବଂ ସେମାନଙ୍କର ସଫଳତା ହିଁ ଏହି ପ୍ରତିଷ୍ଠାନର ଗର୍ବ ବୋଲି ଅଭିଭାଷଣ ପ୍ରଦାନ କରିଥିଲେ। ଶୁଦ୍ଧାନନ୍ଦ ବିଦ୍ୟାଳୟର ସଭାପତି ସ୍ୱାମୀ ଆତ୍ମାନନ୍ଦ ସରସ୍ୱତୀ ସମ୍ମାନର ଅତିଥି ଭାବେ ଉପସ୍ଥିତ ରହି ଶିକ୍ଷା



ସହିତ ସଂସ୍କାର, ଶିଷ୍ଟାଚାର ଏବଂ ଆଧ୍ୟାତ୍ମିକ ମୂଲ୍ୟବୋଧର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ଆଇନ ପରାମର୍ଶଦାତା ଡ.ବିଜୟ ଚନ୍ଦ୍ର ମହାପାତ୍ର ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଦୃଢ଼ ଚରିତ୍ର, ଶିଷ୍ଟାଚାର ଓ ଦେଶ ପ୍ରେମର ମୂଲ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଗୁଣାତ୍ମକ ଶିକ୍ଷା, ନୈତିକ ମୂଲ୍ୟବୋଧ ଓ ଗୁରୁଶିଷ୍ୟ ପରମ୍ପରାକୁ ଆଧାର କରି ଛାତ୍ରଛାତ୍ରୀ ଆତ୍ମନିର୍ଭର ଓ ସୁସଂସ୍କୃତ ନାଗରିକ ହେବା ଆବଶ୍ୟକ ବୋଲି ଅତିଥିଗଣ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଆଜୀବନ ସଭାପତି ପ୍ରତିମା ତିୱାରୀ (ସୁଧା ମା)ଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଅଧ୍ୟକ୍ଷ ଗଗନ ବିହାରୀ ସାହୁ ସଭାପତିତ୍ୱ କରିଥିଲେ। ସନ୍ଧ୍ୟାରେ ପୁରସ୍କାର ବିତରଣ ସହ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରଦର୍ଶିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ମନୋରଞ୍ଜିତ କରିଥିଲା। ଏହି ଅବସରରେ ବିଦ୍ୟାଳୟର ପୂର୍ବତନ ଓ ବର୍ତ୍ତମାନ ଛାତ୍ରଛାତ୍ରୀ, ପୂର୍ବତନ ଶିକ୍ଷକ, ଶିକ୍ଷୟିତ୍ରୀ ଓ ସ୍ଥାନୀୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଭୀମଭୋଇ କଲେଜ କ୍ରୀଡ଼ା ସଂସଦର ବାର୍ଷିକ ଉତ୍ସବ

**ରେଢାଖୋଲ, ୨୦।୧୨ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ଭୀମଭୋଇ ମହାବିଦ୍ୟାଳୟରେ କ୍ରୀଡା ସଂସଦର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଅମୂଲ୍ୟ କୃଷ୍ଣ ପାଢ଼ୀ ଉଦଘାଟନ କରି ସଂସଦର ଧ୍ୱଜା ଉତ୍ତୋଳନ କରିବା ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶାରୀରିକ ସୁସ୍ଥତା, କ୍ରୀଡା ମନୋଭାବ ଓ ଅନୁଶାସନବଦ୍ଧ ହୋଇ ଲକ୍ଷ୍ୟ ହାସଲ କବିବାକୁ ପରାମର୍ଶ ଦେଇଥିଲେ। ସାଧାରଣ ଛାତ୍ରଛାତ୍ରୀଙ୍କ ସହିତ ଏନ୍‌ସିସି କ୍ୟାଡେଟଙ୍କ ସହଯୋଗରେ ଭବ୍ୟ ପରେଡ ପ୍ରଦର୍ଶନ ଉଦ୍‌ଘାଟନୀ ଉତ୍ସବକୁ ଆକର୍ଷଣୀୟ କରିଥିଲା। ମହାବିଦ୍ୟାଳୟର କ୍ରୀଡ଼ା ପ୍ରଶିକ୍ଷିକା ନମ୍ରତା ସମଦର୍ଶିନୀ ସାହୁଙ୍କ ସମେତ ସ୍ୱତନ୍ତ୍ର ନିମନ୍ତ୍ରିତ କ୍ରୀଡ଼ା ପ୍ରଶିକ୍ଷକ ନରେନ୍ଦ୍ର କୁମାର ଦେହୁରୀ ଓ ଧୀରେନ କୁମାର ଦେହୁରୀଙ୍କ ତତ୍ତ୍ୱାବଧାନରେ ସମସ୍ତ ପ୍ରତିଯୋଗିତା ଶୃଙ୍ଖଳିତ ଭାବରେ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନ ଉତ୍ସବର ମୁଖ୍ୟଅତିଥି ଭାବେ ଭାରତୀୟ ଷ୍ଟେଟ ବ୍ୟାଙ୍କ, ରେଢାଖୋଲ ଶାଖାର ମୁଖ୍ୟ ପରିଚାଳକ ପ୍ରଶାନ୍ତ କୁମାର ସାହୁ ଯୋଗ ଦେଇଥିଲେ। ପ୍ରେରଣା ଦାୟକ







ବକ୍ତୃତା ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ମୋବାଇଲ ଠାରୁ ଦୂରରେ ରହି ନିଜର ସୁସ୍ଥ ଶରୀର, ମାନସିକ ଏକାଗ୍ରତା ପାଇଁ କ୍ରୀଡ଼ାର ଭୂମିକା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ବିଭାଗରେ ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଯୁକ୍ତ ତିନ ପୁରୁଷ ବିଭାଗର ଚମ୍ପିଅନ ହୋଇଥିଲେ ଦ୍ୱିତୀୟ ବର୍ଷର କଳାର ଛାତ୍ର କାହ୍ନୁ ଚରଣ ପ୍ରଧାନ ଓ ମହିଳା ବିଭାଗରେ ଚାମ୍ପିଅନ ହୋଇଥିଲେ ଦ୍ୱିତୀୟ ବର୍ଷର କଳାର ଛାତ୍ରୀ ମାମାଲି ବିଶ୍ୱାଳ। ସେହିପରି ଉଚ୍ଚ ମାଧ୍ୟମିକର ପୁରୁଷ ବର୍ଗରେ ଚମ୍ପିଅନ ହୋଇଥିଲେ ନିତ୍ୟାନନ୍ଦ ସେଠୀ ଓ ମହିଳା ବର୍ଗରେ ଚମ୍ପିଅନ ହୋଇଥିଲେ କାଜଲ ଦେହୁରୀ। ବାର୍ଷିକ ଉତ୍ସବର ମୁଖ୍ୟ ସଂଯୋଜକ ଡ.ମନୋରଞ୍ଜନ ମହନ୍ତ, ଡ.ଭୋଜରାଜ, କିଶୋର ଠାକୁର, ରାଜେଶ କୁମାର ବିଶ୍ୱାଳ, ନିହାର ରଞ୍ଜନ ରାଉଳ ଦାୟିତ୍ୱ ନିର୍ବାହ କରିଥିଲେ। ଧାରା ବିବରଣୀ ପ୍ରଦାନ ଅଧ୍ୟାପକ ସୁଶାନ୍ତ ନନ୍ଦ, ଅଞ୍ଜନ ମିଶ୍ର ଓ ମାନଭଞ୍ଜନ କଂହର ପରିଚାଳନା କରିଥିଲେ। ଏନସିସି କ୍ୟାଡେଟ ଚିନ୍ମୟ ମାଝି, ବିମଳ କୁମୁରା, ତପସ୍ୱିନୀ ଦେହୁରୀ ଏବଂ ରାଜା ପ୍ରଧାନ ପ୍ରମୁଖ ସମେତ ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ସହଯୋଗ କରିଥିଲେ।

# ଜିପିଆର୍ କଲେଜର ବାର୍ଷିକ କ୍ରୀଡ଼ା

**କୁଚିଣ୍ଡା, ୨୦।୧୨ (ସମିସ):** କୁଚିଣ୍ଡା ବ୍ଲକ କୁନ୍ତରା ପଞ୍ଚାୟତ ଅଧୀନସ୍ଥ ଜିପିଆର୍ କଲେଜର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଛାତ୍ରଛାତ୍ରୀ ଜଗନ୍ନାଥ ମନ୍ଦିରରୁ ମଶାଲ ଶୋଭାଯାତ୍ରାରେ ବାହାରି କଲେଜ ଖେଳ ପଡ଼ିଆରେ ପହଞ୍ଚିବା ପରେ ଅଧ୍ୟକ୍ଷ ଡ.ରଞ୍ଜନ କୁମାର ପାଣିଗ୍ରାହୀଙ୍କ ଦ୍ୱାରା କ୍ରୀଡ଼ା ପତାକା ଉତ୍ତୋଳନ କରାଯାଇଥିଲା। ଡ. ପାଣିଗ୍ରାହୀ ଓ ମୁଖ୍ୟଅତିଥି ପୂର୍ବତନ ଅଧ୍ୟକ୍ଷ ଦୁର୍ଯ୍ୟୋଧନ ମେହେର ଅଭିବାଦନ ଗ୍ରହଣ କରି ପ୍ରତିଯୋଗିତାର ଶୁଭାରମ୍ଭ ଘୋଷଣା କରିଥିଲେ। ମଞ୍ଚକୁ ଅଧ୍ୟାପିକା ଦୀପିକା ବେହେରା ପରିଚାଳନା କରିଥିବା ବେଳେ କ୍ରୀଡା ସଂସଦର ଉପସଭାପତି ଅଧ୍ୟାପକ ତରୁଣ କୁମାର ପୃଷ୍ଟେଠ ଓ ଅଧ୍ୟାପକ ଯୋଗେନ୍ଦ୍ର ମୁଦୁଲି, ବରିଷ୍ଠ ପ୍ରାଧ୍ୟାପକ ଅରୁଣ କୁମାର ବେହେରା, ରୁଦ୍ରଦତ୍ତ ପଟେଲ, ଅଧ୍ୟାପିକା ଡଲି ନାୟକ ପ୍ରମୁଖ ଯୋଗଦେଇ ଥିଲେ। ଖେଳକୁ ମନୋହର ହାଇସ୍କୁଲ କୁନ୍ତରାର ଖେଳ ଶିକ୍ଷୟିତ୍ରୀ ପ୍ରତିମା ନାଏକ ପରିଚାଳନା କରିଥିବା ବେଳେ ଅଧ୍ୟାପକ ଟିକେଲାଲ ମେହେର, ନରେଶ କିସାନ, ତୁଳାରାମ ଦଣ୍ଡସେନା, ସନତ କୁମାର ସାହୁ, ରାଜେଶ ମକର, ଦୀପକ ପଟେଲ, ଶିବଶଙ୍କର ମଲ୍ଲିକ, ଅଧ୍ୟାପିକା ସ୍ମିତା ପଟେଲ, ହୋସିନା ପ୍ରିୟଦର୍ଶିନୀ ନାୟକ, ବର୍ଷା ମୁଦୁଲି, ରତ୍ନମଞ୍ଜରି ସାହୁ, ପୂଜା ବଞ୍ଜୋର୍, ସୁକାନ୍ତି ତୃରୀ ପ୍ରମୁଖ ଖେଳ ପ୍ରତିଯୋଗିତାର ବିଚାରକ ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ଏହି କ୍ରୀଡା ଉତ୍ସବରେ ଉଭୟ ଯୁକ୍ତଦୁଇ ଓ ଯୁକ୍ତତିନି ର ଛାତ୍ର ଛାତ୍ରୀ ମାନେ ଅଂଶଗ୍ରହଣ କରିଥିଲେ। ଚଳିତ ବର୍ଷର କ୍ରୀଡା ପ୍ରତିଯୋଗିତାରେ ଯୁକ୍ତଦୁଇର ବାବୁଲୁ ନାଏକ ଓ ପାୟଲ କିସାନ ଏବଂ ଯୁକ୍ତତିନିର ଶଙ୍କର ନାଏକ ଓ ଝିଲି ଦଣ୍ଡପାଟ ଚାମ୍ପିଅନ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଉଦ୍‌ଯାପନୀ ସଭାରେ ଅଧ୍ୟାପକ ତରୁଣ କୁମାର ପୃଷ୍ଟେଠ କ୍ରୀଡା ଉତ୍ସବ ଆୟୋଜନ ଉପରେ କିଛି ସମୀକ୍ଷା କରିଥିବା ବେଳେ ଅଧ୍ୟାପକ ଯୋଗେନ୍ଦ୍ର ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମର ଅନ୍ତିମ ପର୍ଯ୍ୟାୟରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲେ।

# ଶାସନ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ସମ୍ବଲପୁର, ୨୦।୧୨ (ସମିସ) :** ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ଶାସନଠାରେ ଆଜି ବାର୍ଷିକ କ୍ରୀଡ଼ା ଆୟୋଜିତ ହୋଇଯାଇଛି। ଅପରାହ୍ଣରେ ପ୍ରଧାନ ଶିକ୍ଷକ ତାରାବତୀ ବେହେରାଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣୀ ଉତ୍ସବ



ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ପ୍ରଶାସକ ସୀତାଂଶୁ ତ୍ରିପାଠୀ ଯୋଗ ଦେଇଥିବାବେଳେ ପୂର୍ବତନ ଏଫ୍‌ସିଆଇ ମ୍ୟାନେଜର ଶ୍ୟାମ ସୁନ୍ଦର ମିଶ୍ର, ପଞ୍ଚସଖା ଶିକ୍ଷା ସେତୁର ସଭାପତି ଦୁଷ୍ମନ୍ତ କୁମାର ହୋତା, ସରପଞ୍ଚ ଶେଷଦେବ ଗର୍ଡ଼ିଆ ପ୍ରମୁଖ ସମ୍ମାନିତ ଅତିଥି ଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଏସଏମସି ସଦସ୍ୟ ଓ ଅଭିଭାବକମାନେ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ସମୁଦାୟ ୨୦ଟି ବିଭାଗରେ ୧୪୪ ଜଣ ଛାତ୍ରଛାତ୍ରୀ ପୁରସ୍କୃତ ହୋଇଥିଲେ। ଶିକ୍ଷୟିତ୍ରୀ ପୂର୍ଣ୍ଣିମା ମହାନନ୍ଦ, ପ୍ରିୟଦିପ୍ତି ପଟ୍ଟନାୟକ ଓ ଗାୟତ୍ରୀ କର ମଞ୍ଚ ପରିଚାଳନା କରିଥିଲେ। ପୁରସ୍କାର ବିତରଣରେ ଶିକ୍ଷୟିତ୍ରୀ ପ୍ରଲିପ୍ତା ପଟ୍ଟନାୟକ, ସିପ୍ରା ସ୍ୱାଇଁ, ଗୁଲସନ ସେଠ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ରୀତାଞ୍ଜଳି ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଆଜିର କ୍ରୀଡ଼ା ପ୍ରତିଯୋଗିତାକୁ କ୍ରୀଡ଼ା ଶିକ୍ଷୟିତ୍ରୀ ସୁସ୍ମିତା ନାୟକ ଓ ମୈଥିଳୀ ଖୁଣ୍ଟିଆ ପରିଚାଳନା କରିଥିବାବେଳେ ତୃପ୍ତି ପଣ୍ଡିତ, ଜ୍ୟୋତିର୍ମୟୀ ବେହେରା, ଗୁଲସନ ସେଠ, ଦେବାଶିଷ ସାହୁ ପ୍ରମୁଖ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।


## EASTERN INVESTMENTS LIMITED

CIN: L65993OR1927GOI034842
Regd. Office: Plot No:255, Pristine Green, Pokhariput, Bhubaneswar-751020

Statement of Standalone & Consolidated Reviewed Financial Results For the Quarter and Half Year Ended 30th Sept' 2025

(Rs.in Lakhs)

| Sl. No. | Particulars | Standalone | | | Consolidated | | |
|---|---|---|---|---|---|---|---|
| | | Half Year Ended | | Year Ended | Half Year Ended | | Year Ended |
| | | 30.09.2025 | 30.09.2024 | 31.03.2025 | 30.09.2025 | 30.09.2024 | 31.03.2025 |
| | | (Reviewed) | | (Audited) | (Reviewed) | | (Audited) |
| 1 | Total Income from Operation(including Other Income) | 35.87 | 72.58 | 44.27 | 9,717.44 | 7,054.61 | 13,405.00 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | 6.51 | 29.05 | (44.47) | 792.99 | 526.39 | (4,119.11) |
| 3 | Net Profit / (Loss) for the period Before Tax (after exceptional and / or extraordinary items) | 6.51 | 29.05 | (44.47) | 792.99 | 526.39 | (4,119.11) |
| 4 | Net Profit / (Loss) for the period after Tax (after exceptional and / or extra ordinary items) | (8.06) | 24.91 | (28.91) | 525.30 | 342.30 | (3,518.39) |
| 5 | Total Comprehenshive income for the period [comprising profit / (loss) for the period(after tax) and other comprehenshive income (after tax)] | (8.06) | 24.91 | (28.91) | 525.30 | 342.30 | (3,525.52) |
| 6 | Net Profit attributable to Non Controlling Interests | - | - | - | 245.25 | 135.63 | (1,791.41) |
| 7 | Net Profit attributable to Owners of the Company | - | - | - | 280.05 | 206.67 | (1,726.98) |
| 8 | Paid up Equity Share Capital (Face Value Rs. 10/- each) | 144.44 | 144.44 | 144.44 | 141.90 | 141.90 | 141.90 |
| 9 | Other Equity (Excluding Revaluation Reserve as per Balance Sheet) | 26,538.58 | 26,600.46 | 26,546.64 | (9,129.20) | (7,472.03) | (9,409.25) |
| 10 | Earning per share ( Rs) | | | | . | | |
| | (i) Basic: | (0.56) | 1.72 | (2.00) | 19.74 | 14.56 | (121.71) |
| | (ii) Diluted | (0.56) | 1.72 | (2.00) | 19.74 | 14.56 | (121.71) |

1. The above results of the Company were approved by the Board of Directors at their respective meetings held on 19.12.2025.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

Place: Visakhapatnam
Date: 19th December' 2025

Sd/-
(A.K.Bagchi)
Managing Director-EIL


## ପୂର୍ବ ଜୋନ୍ ଆନ୍ତଃବିଶ୍ୱବିଦ୍ୟାଳୟ ବ୍ୟାଡମିଣ୍ଟନ

# ସର୍ବଭାରତୀୟ ପ୍ରତିଯୋଗିତା ପାଇଁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ମନୋନୀତ

**ସମ୍ବଲପୁର, ୨୦।୧୨ (ସମିସ)**

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଗତ ଡିସେମ୍ବର ୧୭ ତାରିଖରୁ ପୂର୍ବାଞ୍ଚଳ ଜୋନ ଅନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ଓ ମହିଳା ବ୍ୟାଡମିଣ୍ଟନ ପ୍ରତିଯୋଗିତା ବୁର୍ଲାସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଆୟୋଜିତ ହେଉଛି। ଏହି ପ୍ରତିଯୋଗିତାରେ ପୁରୁଷ ବର୍ଗରେ ଚାରୋଟି ଶ୍ରେଷ୍ଠ ଦଳ ମନୋନୀତ ହୋଇଛନ୍ତି। ସେମାନେ ଆନ୍ଧ୍ରପ୍ରଦେଶର କୋଡ଼ନୁରୁ କଷ୍ଣୀମହିୟା ଏଜୁକେସନ ଫାଉଣ୍ଡେସନ ବିଶ୍ୱବିଦ୍ୟାଳୟରେ ଜାନୁଆରୀ ୧୫ରୁ ୨୦ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁଥିବା ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଭାଗନେବେ। ପୂର୍ବ ଜୋନ୍‌ରୁ ମୋଟ ୫୫ଟି ବିଶ୍ୱବିଦ୍ୟାଳୟ ଦଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ମନୋନୀତ ଦଳ ଗୁଡ଼ିକ ହେଲା - ସମ୍ବଲପୁର ବିଶ୍ୱବିଦ୍ୟାଳୟ, କିଟ୍




ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର, ଆଡାମାସ ବିଶ୍ୱବିଦ୍ୟାଳୟ, ପଶ୍ଚିମବଙ୍ଗ ଏବଂ ଡିଡିୟୁ ବିଶ୍ୱବିଦ୍ୟାଳୟ, ଗୋଖୋପୁର।

ସମ୍ବଲପୁର ବିଶ୍ୱବିଦ୍ୟାଳୟ (ପୁରୁଷ) ପକ୍ଷରୁ ଯେଉଁମାନେ ପ୍ରତିନିଧିତ୍ୱ କରୁଛନ୍ତି, ସେମାନେ ହେଲେ - ଉମର ଅବଦୁଲ୍ଲା, ସରକାରୀ ସ୍ୱୟଂଶାସିତ କଲେଜ, ରାଉରକେଲା, ଭବନ କୁମାର ସିଂ, ଇରପାଟ ସ୍ୱୟଂଶାସିତ କଲେଜ, ରାଉରକେଲା, ଅଭୟ କୁମାର ମୋହରାନା, ଇସ୍କାଟ ସ୍ୱୟଂଶାସିତ କଲେଜ, ରାଉରକେଲା, ଶ୍ରେୟାନ୍ ପ୍ୟାରିଡା . କଲ୍ୟାଣୀ ରାଇ କଲେଜ, ରାଉରକେଲା, ଲକ୍ଷ୍ମଣ ପ୍ରେମକୃଷ୍ଣ, ଜିସିପିଇ, କୁଲୁଣ୍ଡି, ରାକେଶ ରଞ୍ଜନ ଗୌଡ, ଜିସିପିଇ, କୁଲୁଣ୍ଡି ଏବଂ ତପୁନ୍ ସାହ - ସୁଇଟ୍, ସମ୍ବଲପୁର ବିଶ୍ୱବିଦ୍ୟାଳୟ।

ଆଜି ମହିଳା ବର୍ଗର ପୂର୍ବଜୋନ୍ ଆନ୍ତଃବିଶ୍ୱବିଦ୍ୟାଳୟ ବ୍ୟାଡମିଣ୍ଟନ୍ ପ୍ରତିଯୋଗିତା ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଆରମ୍ଭ ହୋଇଯାଇଛି। ଯେଉଁଥିରେ ପୂର୍ବ ଭାରତରେ ୪୦ଟି ବିଶ୍ୱବିଦ୍ୟାଳୟର ଦଳ ଅଂଶଗ୍ରହଣ କରିଛନ୍ତି। ମହିଳା ପ୍ରତିଯୋଗିତା ଉଦ୍‌ଘାଟନୀ ଉତ୍ସବରେ କାର୍ଯ୍ୟନିର୍ବାହୀ କୁଳପତି ପ୍ରଫେସର ସଂଯୁକ୍ତା ଦାସ, ପିଜି କାଉନସିଲ ଚେୟାରମ୍ୟାନ ପ୍ରଫେସର ତୁଷାରକାନ୍ତି ଦାସ, ସ୍ପୋର୍ଟ୍ସ କାଉନସିଲର ସଚିବ ପ୍ରଫେସର ଦେବେନ୍ଦ୍ର ମହାଲିକ, ମ୍ୟାଚରେଫରୀ ସୁଧୀର ମିଶ୍ର, କ୍ରୀଡା ଅଧିକାରୀ ଡ. ଅବିନାଶ କର ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ବ୍ୟାଡମିଣ୍ଟନ ସଂଘର ସ୍ୱୀକୃତିପ୍ରାପ୍ତ ଅମ୍ପାୟାର ଅନିଶ ହାଁସଦା, ବାବୁଲୁ ସାହୁ, ସୂର୍ଯ୍ୟ ପାଣିଗ୍ରାହୀ, ଅଂଶୁମାନ ପାତ୍ର, ବିଶ୍ୱମୋହନ ଅଚାରୀ, ହେମାନନ୍ଦ ଥପା, ବିକ୍ରମ ପଣ୍ଡା ଓ ଦେବେନ୍ଦ୍ର ଦାଣ୍ଡିଆ ମ୍ୟାଚ ପରିଚାଳନା କରିଥିଲେ।

# ଝାରବନ୍ଧ ବ୍ଲକ୍ କାର୍ଯ୍ୟାଳୟରେ ୨୪ ପଦବୀ ଖାଲି

**ଝାରବନ୍ଧ, ୨୦।୧୨(ସମିସ):** ସରକାରୀ କାର୍ଯ୍ୟାଳୟରେ ସ୍ୱଚ୍ଛ, ନିର୍ମଳ ସେବା ସହିତ ହାତପାହାନ୍ତରେ ସୁବିଧା ପ୍ରଦାନ ଲକ୍ଷ୍ୟ ଥିବା ସରକାର କହୁଛନ୍ତି । ଲୋକଙ୍କୁ ସରଳ ସହଜ ସେବା ଯୋଗାଇବା ପାଇଁ ବିଭିନ୍ନ ବିଭାଗରେ ସରକାର କର୍ମଚାରୀ ନିଯୁକ୍ତି କରୁଥିବା ମଧ୍ୟ ପ୍ରଚାର କରାଯାଉଛି । ହେଲେ ଓଡ଼ିଶାର ଶେଷ ସୀମା ଛତିଶଗଡ଼ ସୀମାନ୍ତ ବରଗଡ଼ ଜିଲ୍ଲାର ଝାରବନ୍ଧ ବ୍ଲକ କାର୍ଯ୍ୟାଳୟରେ ଦୀର୍ଘ ବର୍ଷ ହେବ ବହୁ ପଦପଦବୀ ଖାଲି ପଡ଼ିଛି । ବ୍ଲକ କାର୍ଯ୍ୟାଳୟ ଝାରବନ୍ଧର ମୋଟ କର୍ମଚାରୀ ଅନୁମୋଦନ ସଂଖ୍ୟା ହେଉଛି ୬୪ । ତନ୍ମଧ୍ୟରୁ ୪୦ ଜଣ ବର୍ତ୍ତମାନ କାର୍ଯ୍ୟରତ ଅଛନ୍ତି । ୬୪ ଜଣ କର୍ମଚାରୀଙ୍କ କାମକୁ ୪୦ ଜଣ କରୁଛନ୍ତି । ଭାରପ୍ରାପ୍ତ ଅଧିକାରୀଙ୍କୁ ନେଇ ବ୍ଲକ କାର୍ଯ୍ୟାଳୟ ଚାଲିଛି । ୨୪ଟି ପଦବୀ ଖାଲି ପଡ଼ିଛି । ଯାହାଦ୍ୱାରା ଅନେକ କାମ ଧୀର ମନ୍ଥର ଏବଂ ଅସୁବିଧାର ସମ୍ମୁଖୀନ ହୋଇ ଚାଲୁଥିବା ଶୁଣିବାକୁ ମିଳେ । ସରକାରଙ୍କ ଅନୁମୋଦନ ଅନୁଯାୟୀ ବିଡିଓ ଅଛନ୍ତି । ଗୋଟିଏ ଏବିଡିଓ ପଦବୀ ଖାଲି, ଜଣିଏ ଲେଖାଁ ଏଇଇ, ସେକ୍ସନ ଅଫିସର ଓ ବ୍ଲକ ଫାଇନାନ୍ସ ଅଫିସର ରହିଛନ୍ତି । ଦୁଇଜଣ ଏଇ ସ୍ଥାନରେ ଜଣେ ଓ ୫ ଜଣ ଜେଇ ସ୍ଥାନରେ ୪ ଜଣ ଅଛନ୍ତି । କମ୍ପ୍ୟୁଟର ପ୍ରୋଗାମର ଜଣେ ଥିବା ବେଳେ ଜିପିଓ, ଡବ୍ଲ୍ୟୁଇଓ, ଜିପିଇଓ, ପ୍ରୋଗ୍ରେସ ଆସିଷ୍ଟାଣ୍ଟ ପଦବୀ ଖାଲି ରହିଛି । ବିଏସଏସଓ ଅଛନ୍ତି କିନ୍ତୁ ସିନିଅର ରେଭେନ୍ୟୁ ଆସିଷ୍ଟାଣ୍ଟ ୩ ଜଣ ସ୍ଥାନରେ ୨ ଜଣ, ଜଣେ ଜୁନିୟର ରେଭେନ୍ୟୁ ଆସିଷ୍ଟାଣ୍ଟ ଅଛନ୍ତି, ପିଇଓ ୧୨ ଜଣ ସ୍ଥାନରେ ୧୦ ଜଣ, ପିଅନ ୨ ଜଣ ଅଛନ୍ତି, ଏଡିଇଓ ୧୪ ଜଣ ସ୍ଥାନରେ ୧୨ ଜଣ ଅଛନ୍ତି, ଜିଆରଏସ ୧୪ ଜଣ ସ୍ଥାନରେ ମାତ୍ର ଜଣିଏ ଅଛନ୍ତି । ଆବଶ୍ୟକ ମୁତାବକ କର୍ମଚାରୀ ନାହାନ୍ତି କେମିତି କାର୍ଯ୍ୟ ସମ୍ପାଦନ ହେଉଥିବ ତାହା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି । ଝାରବନ୍ଧ ବ୍ଲକ ହେଉଛି ଅବହେଳିତ, ଦଳିତ ଆଦିବାସୀ ବହୁଳ ଲୋକ ଅଞ୍ଚଳ । ୨୦୧୧ ଜନଗଣନା ଅନୁସାରେ ବ୍ଲକରର ଜନସଂଖ୍ୟା ୯୨, ୪୮୯ ଥିବା ବେଳେ ବର୍ତ୍ତମାନ ଜନସଂଖ୍ୟା ନିଶ୍ଚୟ ବଢ଼ିଥିବ । ବ୍ଲକରେ ୧୪ଟି ପଞ୍ଚାୟତର ୮୩ ଟି ରାଜସ୍ୱ ଗାଁ ରହିଛି । ଅନ୍ୟପଟେ କର୍ମଚାରୀ ଅଭାବରୁ କିପରି ଲୋକେ ସେବା ପାଉଥିବେସ୍ପଷ୍ଟ ଅନୁମେୟ। ଅଞ୍ଚଳର ଜନସାଧାରଣଙ୍କ ସହଜ ସୁବିଧା ନିମନ୍ତେ ଝାରବନ୍ଧ ବ୍ଲକ କାର୍ଯ୍ୟାଳୟରେ ଦୀର୍ଘ ଦିନରୁ ଖାଲି ପଡ଼ିଥିବା ୨୪ଟି ପଦବୀ ପୂରଣ ପାଇଁ ଓଡ଼ିଶା ସରକାର, ଜିଲ୍ଲାପାଳ ବରଗଡ଼ ସ୍ୱତନ୍ତ୍ର ଦୃଷ୍ଟି ଦେଇ ପଦବୀ ପୂରଣ କରିବା ପାଇଁ ଜନସାଧାରଣରେ ଦାବି ହେଉଛି ।

# ଅମ୍ବାଭୋନା ଓଏଭିରେ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



**ଅମ୍ବାଭୋନା, ୨୦।୧୨(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ଅମ୍ବାଭୋନା ଆଦର୍ଶ ବିଦ୍ୟାଳୟ ଠାରେ ବିଦ୍ୟାଳୟର ଅଧକ୍ଷ ଦିନେଶ ବିଶ୍ୱାଳଙ୍କ ଅଧକ୍ଷତାରେ ଦୁଇଦିନ ଧରି ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଛି । ଏହି ପଞ୍ଚମ ବାର୍ଷିକ କ୍ରୀଡା ଉତ୍ସବକୁ ଅମ୍ବାଭୋନା ସରପଞ୍ଚ ପ୍ରତିନିଧି ଗଜେନ୍ଦ୍ର ଦାସ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରିଥିଲେ । ଅମ୍ବାଭୋନା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ.ଲଳିତ ବାଗ ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ବାବା କେଦାରନାଥଙ୍କ ମନ୍ଦିର ପ୍ରାଙ୍ଗଣରୁ ଖେଳ ପଡ଼ିଆ ପର୍ଯ୍ୟନ୍ତ ମଶାଲ ଯାତ୍ରା କରାଯାଇଥିଲା । ପ୍ରତିଯୋଗିତାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ୪୨ ପ୍ରକାରର ଖେଳ ଖେଳାଯାଇଥିଲା । ଖେଳ ଶିକ୍ଷକ ସ୍ୱାଧୀନ ସ୍ୱରୂପ ସାହୁ ରହିଥିବା ବେଳେ ଶୁଶିଲ ନାୟକ, ମୁକେଶ ସାହୁ ଓ ନାରାୟଣ ଡନସନା ଖେଳ ପରିଚାଳନାରେ ସହଯୋଗ କରିଥିଲେ । ୧୮ ବର୍ଷ ବର୍ଗ ଛାତ୍ର ମାନଙ୍କ ମଧ୍ୟରେ ଗୌରବ ଭୋଇ ଓ ଛାତ୍ରୀ ମାନଙ୍କ ମଧ୍ୟରେ ଯଶୋବନ୍ତି ଦିଶ୍ରୀ ପ୍ରତିଯୋଗିତାରେ ଚାମ୍ପିଅନ ହୋଇଥିବା ବେଳେ ୧୪ ବର୍ଷ ବର୍ଗରେ ଛାତ୍ର ମାନଙ୍କ ମଧ୍ୟରେ ଶନିପାଳ ବେହେରା ଓ ଛାତ୍ରୀ ମାନଙ୍କ ମଧ୍ୟରେ ଲିପ୍ସାରାଣୀ ପାଣ୍ଡେ ଚାମ୍ପିଅନ ହୋଇଥିଲେ । କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ଦିଆଯାଇଥିଲା । ଶିକ୍ଷକ ସୁଧାମୟ ତ୍ରିପାଠୀ, ଗଙ୍ଗାରାମ ମିର୍ଦ୍ଧା, କୀର୍ତ୍ତି ଚନ୍ଦ୍ର ସରାଫ, ବିକାଶ ପଧାନ ନିକେଶ ସାହୁ, ଅବିନାଶ ପଧାନ, ମହେଶ୍ୱର ପଧାନ, ଦେବାପ୍ରିୟା ତାଣ୍ଡି, ଆଦିତ୍ୟ ଭୋଇ, ଦିବ୍ୟାନନ୍ଦ ମେହେର ଓ ଭାଗ୍ୟଶ୍ରୀ ନାୟକ ସହଯୋଗ କରିଥିବା ବେଳେ ଆକାଶ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

ଚାଷୀ ଓ ବିଧାୟକ ଆଲୋଚନା

# ଟୋକନ୍ ନ ଆସିଲେ ଆନ୍ଦୋଳନରେ ବସିବି

ଅତାବିରା, ୨୦।୧୨(ସମିସ)



ସମସ୍ତ ପଞ୍ଜୀକୃତ ଚାଷୀଙ୍କ ଆଉ ୪/୫ ଦିନ ମଧ୍ୟରେ ଟୋକନ ଆସିଯିବ । "ଚାଷୀଙ୍କ ଟୋକନ ନ ଆସିଲେ ଚାଷୀଙ୍କ ଆନ୍ଦୋଳନରେ ମୁଁ ବସିବି" ବୋଲି ଖୋଦ ବିଧାୟକ ଚାଷୀଙ୍କ ସହ ବିଧାୟକଙ୍କ ଆଲୋଚନା ବେଳେ ଏହି ଘୋଷଣା କରିଛନ୍ତି । ଧାନର ଅଭାବି ବିକ୍ରି ସହ ୪ ଦଫା ଦାବି ନେଇ ଓଡ଼ିଶା ରାଜ୍ୟ କୃଷକ ସଂଗଠନ ଗତ ୯ ତାରିଖ ଏନ୍‌ଏଚ୍ ୫୩ ଗୋଡ଼ଭଗାଠାରେ ୩ଘଣ୍ଟା ଧରି ଧାନରଖି ଆନ୍ଦୋଳନ କରିଥିଲେ । ଜବାବରେ ପ୍ରଶାସନ ପକ୍ଷରୁ ଅତାବିରା ନିୟନ୍ତ୍ରିତ ବଜାର କମିଟି ଅଧୀନ ସମସ୍ତ ଚାଷୀଙ୍କ ଟୋକନ ଡିସେମ୍ବର ୨୦ ତାରିଖ ମଧ୍ୟରେ ଆସିବ ଏବଂ ଜାନୁଆରୀ ୧୫ ତାରିଖ ସୁଦ୍ଧା ଧାନ କିଣାବିକା ସରିବା ବ୍ୟବସ୍ଥା କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ । ଆବଶ୍ୟକତା ଅନୁଯାୟୀ ଟୋକନ ନ ଆସିବାରୁ ସାମ୍ଭାବ୍ୟ ଆନ୍ଦୋଳନ ପାଇଁ ଅତାବିରା, ଗୋଡ଼ଭଗା ଅଞ୍ଚଳର ବିଭିନ୍ନ ସାମାଜିକ ସଂଗଠନର ସମର୍ଥନ ଲୋଡ଼ିବା ପାଇଁ କୃଷକ ସଂଗଠନ ପକ୍ଷରୁ ବୈଠକ ବସିଥିଲା । ଏଥିରେ ବିଭିନ୍ନ ସଂଗଠନର ସମର୍ଥନ ଦେଇଥିଲେ । ଗତକାଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସଂଗଠନକୁ ଡାକରା ଆସିଥିଲା । କୃଷକ ସଂଗଠନର ଚାଷୀ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ । ସମସ୍ତ ଟୋକନ ଆଗାମୀ ୮ ଦିନରେ ଆସିବ, ସେଥିପାଇଁ ସମୟ ଦେବାକୁ ଜିଲ୍ଲାପାଳ ସହଯୋଗ ଲୋଡ଼ିଥିଲେ । ଚାଷୀ ୨ ଦିନ ଭିତରେ ଟୋକନ ନ ଆସିଲେ ଆନ୍ଦୋଳନ କରିବାକୁ ସ୍ପଷ୍ଟ ଶୁଣାଇ ଦେଇଥିଲେ । ପୂର୍ବ ନିଷ୍ପତ୍ତିକ୍ରମରେ ଶନିବାର ଅପରାହ୍ଣରେ ବିଧାୟକ ଓ କୃଷକ ସଂଗଠନ, ଚାଷୀଙ୍କ ମଧ୍ୟରେ ବୈଠକ ହୋଇଥିଲା । ସଂଗଠନର ଅତାବିରା ସଭାପତି ବୀରେନ୍ଦ୍ର କରଙ୍କ ସଭାପତିତ୍ୱରେ ହୋଇଥିବା ଆଲୋଚନାରେ ପ୍ରଶାସନ ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତି ପାଳନରେ ଅବହେଳା କରାଯାଇଛି ବୋଲି ଅଭିଯୋଗ ହୋଇଥିଲା । ବହୁ ଚାଷୀଙ୍କ ଟୋକନ ଆସି ନାହିଁ, ମଣ୍ଡିରେ ମନ୍ଥର ଗତିରେ ଧାନ ଉଠୁଛି । ଏପରି ଅବସ୍ଥାରେ ଚାଷୀ ମହଲରେ ଦ୍ୱନ୍ଦ୍ୱ, ଆକ୍ରୋଶ ବଢ଼ିବାରେ ଲାଗିଛି ବୋଲି କହିଥିଲେ । ମଣ୍ଡିରେ ବ୍ୟାପକ କଟନି ଛଟନି ହେଉଛି, କିଛି ମିଲର ସୋର୍ଣ୍ଣା ଧାନକୁ ଅଧିକ ୨/୩ କେଜି କାଟୁଥିବା କିଛି ଚାଷୀ ବିଧାୟକଙ୍କ ଦୃଷ୍ଟିକୁ ଆଣିଥିଲେ । ପ୍ରତିଉତ୍ତରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବିଧାୟକ ଗଣ ନୂଆଦିଲ୍ଲୀ ଯାଇ କେନ୍ଦ୍ର ଖାଦ୍ୟ ଓ ଯୋଗାଣ ମନ୍ତ୍ରୀଙ୍କୁ ଯାଇ ଏଫ୍‌ସିଆଇ ଧାନ ନେବା ପରିମାଣ ବଢ଼ାଇଛୁ, ଆଗାମୀ ଦିନରେ ମିଲରୁ ଚାଉଳ ଡେଲିଭରି ପରିମାଣ ବଢ଼ିଲେ ମିଲରେ ସ୍ଥାନ ଖାଲି ହେବ, ଆଉ ଅଳ୍ପ ଦିନ ମଧ୍ୟରେ ଧାନ ଉଠାଣ ହେବ ବୋଲି କହିଥିଲେ । ଟୋକନ ଆସିବା ନେଇ ସରକାରଙ୍କ ସହ ଆଲୋଚନା କରୁଛି ବୋଲି କହିବା ସହ ଆଉ ୪/୫ ଦିନ ମଧ୍ୟରେ ଆସିବାର ବ୍ୟବସ୍ଥା କରୁଛି ଆଶ୍ୱାସନା ଦେଇଥିଲେ । ଟୋକନ, ମନ୍ଥର ଧାନ ସଂଗ୍ରହ ମୁଖ୍ୟ ଦୁଇ ସମସ୍ୟା ସରିଲା ପରେ ଗୋଟି ଗୋଟି କରି ସମସ୍ୟାର ସମାଧାନ କରିବା, ଟୋକନ ନ ଆସିଲେ ଆନ୍ଦୋଳନରେ ସାମିଲ ହେବି ବୋଲି ବିଧାୟକ ଏହି ଅବସରରେ ପ୍ରତିଶ୍ରୁତି ଦେଇ କହିଥିଲେ । ଯେଉଁ ମିଲରେ ସ୍ଥାନ ଥାଇ ଧାନ ନ ଉଠାଇବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ । ଆଗାମୀ ୨୪ ତାରିଖ ମଧ୍ୟରେ ଟୋକନ ନ ଆସିଲେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଚାଷୀ ରୋକ୍ ଠୋକ୍ ଶୁଣାଇ ଦେଇଥିଲେ ।

# ଧନୁଯାତ୍ରା ଆଖଡ଼ାଶାଳାରେ ପଞ୍ଚାୟତ ମହାବିଦ୍ୟାଳୟ ସ୍ନାତକୋତ୍ତର ଛାତ୍ରଛାତ୍ରୀ

**ବରଗଡ଼, ୨୦।୧୨(ସମିସ):** ବିଶ୍ୱପ୍ରସିଦ୍ଧ ଧନୁଯାତ୍ରାକୁ ଆଉ ଅଳ୍ପ ଦିନ ବାକିଥିବା ବେଳେ ପ୍ରସ୍ତୁତିପର୍ବ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି । ଶନିବାର ପଞ୍ଚାୟତ ମହାବିଦ୍ୟାଳୟ ସ୍ନାତକୋତ୍ତର ହିନ୍ଦୀ ବିଭାଗ ପକ୍ଷରୁ ଜନସମ୍ପର୍କ କାର୍ଯ୍ୟକ୍ରମ ଜରିଆରେ ଧନୁଯାତ୍ରା ଆଖଡ଼ାଶାଳାରେ ଛାତ୍ରଛାତ୍ରୀ ପହଞ୍ଚି ଥିଲେ । ଡ.କ୍ରିଷ୍ଣାରାଣୀ ସାସମଲ ଓ ଡ.ବନୁଜା ମେହେରଙ୍କ ତତ୍ତ୍ୱାବଧାନରେ ପ୍ରାୟ ୯୦ ଜଣ ଛାତ୍ରଛାତ୍ରୀ କଲ୍ୟାଣ ମଣ୍ଡପ ଆଖଡ଼ାଶାଳାରେ ପହଞ୍ଚି ମହାରାଜ ଉଗ୍ରସେନ, ଯୁବରାଜ କଂସ ତଥା ଅନ୍ୟାନ୍ୟ ପାର୍ଶ୍ୱ କଳାକାର ମାନଙ୍କ ସହିତ ଭାବର ଆଦାନ ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀ ଉତ୍ସାହର ସହିତ କଳାକାର ମାନଙ୍କୁ ନାଟ୍ୟ ସାହିତ୍ୟ ବିଭିନ୍ନ ବିଷୟରେ ପ୍ରଶ୍ନ କରିଥିଲେ ।



ଧନୁଯାତ୍ରା ମହୋତ୍ସବ ସମିତି ପକ୍ଷରୁ ଛାତ୍ରଛାତ୍ରୀଙ୍କ ସହ ଅଶୋକ ବେହେରା, ପ୍ରଭାସ ମହଲା, ନକୁଳ ବାଦି, ସାମ୍ବାଦିକ ସୁବ୍ରତ ବିର୍ତ୍ତିଆ, ଉମେଶ ବିଶ୍ୱାଳ, ବିଜୟ ମିଶ୍ର, ନନ୍ଦିଘୋଷ ଟିଭି ବରଗଡ଼ ଜିଲ୍ଲା ପ୍ରତିନିଧି ହିମାଂଶୁ ନନ୍ଦ, ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମ ଦ୍ୱାରା ଧନୁଯାତ୍ରା ସହିତ ଛାତ୍ରଛାତ୍ରୀ ଅଙ୍ଗାଙ୍ଗି ଭାବେ ଜଡିତ ହୋଇ ପାରିବେ ବୋଲି ମତପ୍ରକାଶ ପାଇଛି ।

# କମଗାଁ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ଭଟଲି, ୨୦।୧୨(ସମିସ):** କମଗାଁ ମହାବିଦ୍ୟାଳୟର ଖେଳ ପଡ଼ିଆରେ ୨ ଦିନ ଧରି କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର କ୍ରୀଡାବିତ ମାନେ ମାଁ ରାମଚଣ୍ଡୀଙ୍କ ଠାରେ ପୂଜାର୍ଚ୍ଚନା କରି ବାର୍ଷିକ କ୍ରୀଡାର ମଶାଲ ଆଣିଥିଲେ । ମହାବିଦ୍ୟାଳୟର ଅଧକ୍ଷ ପ୍ରେମାନନ୍ଦ ପଟେଲ ବାର୍ଷିକ କ୍ରୀଡା ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦଧିବାମନ ମହାବିଦ୍ୟାଳୟର ଅଧକ୍ଷ ସରୋଜ ଦାଶ ଯୋଗଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ କଟାପାଲି ମହାବିଦ୍ୟାଳୟର ଅଧକ୍ଷ ଅଶୋକ ମେହେର ମଞ୍ଚାସୀନ ଥିଲେ । ପ୍ରାଧ୍ୟାପକ ହରେକୃଷ୍ଣ ଦେବତା ସଭାରେ ସଭାପତିତ୍ୱ କରିଥିଲେ । ଅଧ୍ୟାପକ ଅମୀୟ ପଟେଲ ବାର୍ଷିକ ବିବରଣୀ ପଠନ କରିଥିଲେ । ପରେ କ୍ରୀଡାବିତ ମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା । ମହାବିଦ୍ୟାଳୟର ଖେଳ ଶିକ୍ଷକ ଉମାଶଙ୍କର ପ୍ରଧାନ ବାର୍ଷିକ କ୍ରୀଡାକୁ ପରିଚାଳନା କରିଥିଲେ । ଅଧ୍ୟାପକ ଅମୀୟ ପଟେଲ ଓ ପ୍ରାଧ୍ୟାପକ ରବିନାରାୟଣ ସାହୁଙ୍କ ତତ୍ତ୍ୱାବଧାନରେ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଥିଲା । ଅଧ୍ୟାପିକା ଗୁଡଲି ସାହୁ, ମୋନାଲିସା ପ୍ରଧାନ ଓ ମମତା ଭୋଇ ଏଥିରେ ସହଯୋଗ କରିଥିଲେ । ରିସବ ସା ଓ ଆୟୁଷ ମହାପାତ୍ର ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ପୁରସ୍କୃତ ହୋଇଥିଲେ । ମହାବିଦ୍ୟାଳୟର ଅଧକ୍ଷ ପ୍ରେମାନନ୍ଦ ପଟେଲ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଧର୍ମପରାୟଣ ମହିଳା ଜୟକାନ୍ତି ସାହୁଙ୍କ ପରଲୋକ

**ବରପାଲି, ୨୦।୧୨(ସମିସ):** ସରଣ୍ଡା ପାଳି ଗାଁର ନାରାୟଣ ସାହୁଙ୍କର ଧର୍ମପତ୍ନୀ ଜୟକାନ୍ତି ସାହୁ (୫୪) ଙ୍କର ଶନିବାର ପରଲୋକ ଘଟିଛି । କିଛିଦିନ ହେବ ତାଙ୍କର ଦେହ ଅସୁସ୍ଥ ଥିଲା । ଆଜି ତାଙ୍କ ବିୟୋଗ ଖବର ପାଇ ପୈତୃକ ଗାଁ ବନ୍ଦଲା ତଥା ବନ୍ଧୁ ବାନ୍ଧବ ଏବଂ ନିଜ ଗାଁ ସରଣ୍ଡପାଳିର ଗ୍ରାମବାସୀ ବନ୍ଧୁ ବାନ୍ଧବ ଉପସ୍ଥିତ ହୋଇ ଶୋଭାଯାତ୍ରାରେ ରାଜଘାଟ ପର୍ଯ୍ୟନ୍ତ ଯାଇଥିଲେ । ଗାଁର ରାଞ୍ଜ ନଦୀ ରାଜଘାଟରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ବଡ ପୁଅ କୃଷ୍ଣ ଚନ୍ଦ୍ର ମୁଖାଗ୍ନୀ ଦେଇଥିଲେ । ତାଙ୍କ ବିୟୋଗରେ ଗାଁରେ ଶୋକର ଛାୟା ଖେଳି ଯାଇଛି ।



# ଜିଲ୍ଲାସ୍ତରୀୟ କୁଷ୍ଠାଶ୍ରମ ସଭ୍ୟଙ୍କ ପ୍ରଶିକ୍ଷଣ ଶିବିର

**ବରଗଡ଼, ୨୦।୧୨(ସମିସ):** ବରଗଡ଼ ଭରୋସା କୁଷ୍ଠ ପ୍ରକଳ୍ପ ଅଧୀନରେ ଜିଲ୍ଲା ସ୍ତରୀୟ କୁଷ୍ଠାଶ୍ରମ ସଭ୍ୟମାନଙ୍କ ପ୍ରଶିକ୍ଷଣ ଶିବିର ଗୁଜରାତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଶିବିରରେ ବରଗଡ଼ ଓ ସମ୍ବଲପୁର ଜିଲ୍ଲାର କୁଷ୍ଠାଶ୍ରମର ସଭାପତି ଓ ସଭ୍ୟମାନେ ଯୋଗ ଦେଇଥିଲେ । ଏଥିରେ ୫୨ ଜଣ ସଭ୍ୟ ଉପସ୍ଥିତ ଥିଲେ । ଏଥିରେ କୁଷ୍ଠରୋଗୀଙ୍କ ଅଧିକାର, ସୁବିଧା ଓ ସାମାଜିକ ସୁରକ୍ଷା ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା । କୁଷ୍ଠରୋଗୀଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ଜିଲ୍ଲା ସ୍ତରୀୟ ଗୋଷ୍ଠୀ ଗଠନ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା । ଏହି ଗୋଷ୍ଠୀ ପାଇଁ ପ୍ରତ୍ୟେକ ସ୍ଥାନରୁ ଆସିଥିବା ସଭ୍ୟମାନଙ୍କ ମଧ୍ୟରୁ ପ୍ରତିନିଧିତ୍ୱ ଚୟନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା । ବୈଠକରେ ଭରୋସା ପ୍ରକଳ୍ପ ଉପନିର୍ଦ୍ଦେଶକ ଇସ୍ରାଏଲ ନନ୍ଦ, ବ୍ରାଇଟର ଫ୍ୟୁଚର, ବିଜୟନଗରମ କାର୍ଯ୍ୟକ୍ରମ ପ୍ରବନ୍ଧକ ଏସପି ଚୌଧୁରୀ, ପ୍ରକଳ୍ପ ଅଧିକାରୀ ବିରଞ୍ଚି ମହନ୍ତ, ସାମାଜିକ ସୁରକ୍ଷା ଅଧିକାରୀ ବିନୋଦ ପାତ୍ର, ସମ୍ବଲପୁର ଜିଲ୍ଲା ସଂଯୋଜକ ବଂଶୀବାଳା, ବରଗଡ଼ ଜିଲ୍ଲା ସଂଯୋଜକ ବବିତା ସାମଲ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଉପନିର୍ଦ୍ଦେଶକ ଶ୍ରୀ ନନ୍ଦ ଧନ୍ୟବାଦ ଦେଇଥିଲେ ।




# ମାଧୋ ସିଂ ବୀରତା ଦିବସ ପାଳନ ପ୍ରସ୍ତୁତି

**ବରଗଡ଼, ୨୦।୧୨(ସମିସ):** ଘେଁସ ଗାଁର ସହୀଦ ବୀରମାଧୋ ସିଂ ଫାଶୀ ଦିବସ ଉଦ୍ଦେଶ୍ୟରେ ବୀରତା ଦିବସ ଆସନ୍ତା ଡିସେମ୍ବର ୩୧ ତାରିଖ ପାଳନ କରାଯିବ । ଏନେଇ ଅତାବିରା ବ୍ଲକ ସଂଘର ସମସ୍ତ ପଞ୍ଚାୟତର ଆଦିବାସୀ ଜନସାଧାରଣଙ୍କୁ ନେଇ ବ୍ଲକ ସଭାପତି ଭୁଷଣ ବିଶ୍ୱାଳଙ୍କ ସଭାପତିତ୍ୱରେ ପାହାଡଶ୍ରୀଗିଡା ଗାଁର କଲ୍ୟାଣ ମଣ୍ଡପ ଠାରେ ବୈଠକ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ସଂଘର ପ୍ରତିଷ୍ଠାତା ଗୋବର୍ଦ୍ଧନ ଭୋଏ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଭାପତି ଗୋବିନ୍ଦ ବରିହା, ଜିଲ୍ଲା ସମ୍ପାଦକ ତ୍ରିଲୋଚନ ଭୁଏ, ପାହାଡଶ୍ରୀଗିଡା ଗାଁର ଜମିଦାର ପୁରୁଷୋତ୍ତମ ସିଂହ, ପୂର୍ବତନ ଚେୟାରମ୍ୟାନ ନବିନ ସାହୁ, ଭେଡେନ ବ୍ଲକ ସଭାନେତ୍ରୀ ପ୍ରେମସିଲା ବରିହା, ସୋହେଲାର ବିନୋଦିନୀ ନାଏକ, ଭଟଲିର ବୈଦେଇ ମାଝୀ ମଞ୍ଚାସୀନ ଥିଲେ । ଅତାବିରା ବ୍ଲକର ଗୁରୁବାରି ଭୁଏ, ଚନ୍ଦ୍ରକାନ୍ତି ଧରୁଆ, ସଞ୍ଜୁକ୍ତା ଭୁଏ, ନିରଞ୍ଜନ ବାର୍ଲା ସହଯୋଗ କରିଥିଲେ ।

# ଗାଇସିଲେଟ ସରସ୍ୱତୀ ଶିଶୁମନ୍ଦିରର ରଜତ ଜୟନ୍ତୀ



**ଗାଇସିଲେଟ, ୨୦।୧୨(ସମିସ):** ବରଗଡ଼ ଜିଲ୍ଲା ଗାଇସିଲେଟ ସରସ୍ୱତୀ ଶିଶୁ ମନ୍ଦିର ଠାରେ ଶନିବାର ରଜତ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଶିଶୁ ମନ୍ଦିର ଠାରୁ ଏକ କଳସ ଶୋଭାଯାତ୍ରା ବାହାରି ଯୋଶୀ ବନ୍ଧ ଠାରୁ ପାଣି ଆଣି ଗାଇସିଲେଟ ଗାଁ ପରିକ୍ରମା କରି ବିଦ୍ୟାମନ୍ଦିରରେ ପହଞ୍ଚିଥିଲା । ପରେ ନବପ୍ରଭାତ ଆଶ୍ରମର ପରିଚାଳନାରେ ବୈଦିକ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ଅପରାହ୍ଣରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଜୀବନ ମୁକ୍ତାନନ୍ଦ ସରସ୍ୱତୀ, ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମଣ ମାଝୀ, ଜିଲ୍ଲାପରିଷଦ ସଭ୍ୟା ଝରଣା ପାଣିଗ୍ରାହୀ, ସରପଞ୍ଚ ଶରତ କାଲୋ, ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ସଞ୍ଜୟ ପୁରୋହିତ ପ୍ରମୁଖ ଯୋଗ ଦେଇଥିଲେ । ରଜତ ଜୟନ୍ତୀ କମିଟିର ସଭାପତି ରବୀନ୍ଦ୍ର ପଣ୍ଡା ସଭାକୁ ପରିଚାଳନା କରିଥିଲେ । ଶେଷରେ ମାନସ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

# ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ପାଇଁ ପ୍ରସ୍ତୁତି

**ପାଇକମାଲ, ୨୦।୧୨(ସମିସ):** ପାଇକମାଲ ସ୍ଥିତ ସୂର୍ଯ୍ୟକୃପା ନିବାସ ପରିସରରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର କରାଯିବା ନେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡ.କୃପାସିନ୍ଧୁ ଭୋଇଙ୍କ ସାନ ଭାଇ ଜଗବନ୍ଧୁ ଭୋଇଙ୍କ ସଭାପତିତ୍ୱରେ ଶନିବାର ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୨୨ତାରିଖ ଏହି ସ୍ୱାସ୍ଥ୍ୟ ଶିବିର ସକାଳ ୧୦ରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ଡାକ୍ତର ଭୋଇ ଜଣାଇଛନ୍ତି । ଏଥିରେ ମେଡିସିନ ବିଶେଷଜ୍ଞ ଦିଲ୍ଲୀ ଏମ୍ସର ମୁଖ୍ୟ ଡ.ସଞ୍ଜୀବ ଭୋଇ, ରାଉରକେଲାର ଦାନ୍ତ ବିଶେଷଜ୍ଞ ବନ୍ଦିନୀ ଭୋଇ, ଚର୍ମରୋଗ ବିଶେଷଜ୍ଞ ଡ.ଶିବାନୀ ବିଶ୍ୱାଳ, ପାଥୋଲୋଜି ବିଶେଷଜ୍ଞ ଡ.ଦାମିନୀ ଭୋଇ ଓ ନୂଆଦିଲ୍ଲୀର ଡ.ଇସାନି ଭୋଇ ଯୋଗଦେବେ ବୋଲି ପୂର୍ବତନ ବରଗଡ଼ ସାଂସଦ ସଞ୍ଜୟ ଭୋଇ କହିଛନ୍ତି । ଏହାସହ ମାତା ସୂର୍ଯ୍ୟୀଙ୍କ ସ୍ମୃତି ପାଇଁ ଏହି ସ୍ୱାସ୍ଥ୍ୟ ଶିବିର କରାଯାଉଛି ବୋଲି ସେ କହିଥିଲେ । ବୈଠକରେ ବିନୋଦ କାଳିଆ, ସନ୍ତୋଷ ପାଣିଗ୍ରାହୀ, ସୁରେଶ କାଳିଆ, ବୃନ୍ଦାବନ ଭୋଇ, ବିଜୟ ସ୍ୱାଇଁ, ଭବାନୀ ସ୍ୱାଇଁ, ଯାମିନୀ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ ।

# ବିଭିନ୍ନ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବରଗଡ଼, ୨୦।୧୨(ସମିସ)

ବରଗଡ଼ ଜିଲ୍ଲା ଦଶମାଇଲ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ୧୯ତମ ବାର୍ଷିକୋତ୍ସବ ଓ ସୀତାକାନ୍ତ ସ୍ମୃତି ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ଓ ସମ୍ମାନିତ ଅତିଥି ଭାବେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ନିମନ୍ତ୍ରିତ ଅତିଥି ଭାବେ ବରଗଡ଼ ଉଦ୍ୟୋଗପତି ଗୋପାଳ ଅଗ୍ରୱାଲ, ମୁଖ୍ୟ ବକ୍ତା ଭାବେ ସୋହେଲା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପକ ଡ.ଉପେନ୍ଦ୍ର ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମକୁ ବିଧାୟକ ଶ୍ରୀ ଆଚାର୍ଯ୍ୟ ଉଦ୍‌ଘାଟନ କରିଥିଲେ । ଗୌରୀଶଙ୍କର ପାତ୍ର ଅତିଥି ପରିଚୟ ଦେଇଥିବା ବେଳେ ଭୋଜରାଜ ପ୍ରଧାନ ବାର୍ଷିକ ବିବରଣୀ ପଠନ କରିଥିଲେ । ସ୍ଥାନୀୟ ବିଦ୍ୟାଳୟ ତଥା ଆଖପାଖ ୧୫ଟି ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ସୀତାକାନ୍ତ ସ୍ମୃତି ସମ୍ମାନରେ ପୁରସ୍କୃତ କରାଯାଇଥିଲା । ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶେଷରେ କୁଶବର୍ଜ ପ୍ରଧାନ ଧନ୍ୟବାଦ ଦେଇଥିଲେ ।

**ବିଜେପୁର:** ବରଗଡ଼ ଜିଲ୍ଲା ବିଜେପୁର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୦ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗଙ୍ଗାଧର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ମୁଖ୍ୟ ଅତିଥି ଭାବେ ବିଜେପୁର ବିଧାୟକ ସନତ ଗଡ଼ତିଆ ଉଦ୍‌ଘାଟନ କରିଥିଲେ । ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ବରଗଡ଼ର ସହ ଜିଲ୍ଲା ସଂଘ ଚାଳକ ଡ.ସତ୍ୟସାଇ ନାୟକ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ । ସମ୍ପାଦକ ଡ.ସୁଦାମ ପଧାନ, ପ୍ରଧାନଆଚାର୍ଯ୍ୟ ଗୋକୁଳାନନ୍ଦ ଷଡଙ୍ଗୀ ଉଦ୍ଦେଶ୍ୟ ଜ୍ଞାପନ ଓ ବିବରଣୀ ଉପସ୍ଥାପନ କରିଥିଲେ । ଶେଷରେ ପରିଚାଳନା କମିଟିର ସଦସ୍ୟା ସୁଷମା ଖମାରି ଧନ୍ୟବାଦ ଜ୍ଞାପନ କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ଭାଇ ଭଉଣୀଙ୍କ ଦ୍ୱାରା ଗୀତ, ନୃତ୍ୟ, ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ନାଟକ ପ୍ରଦର୍ଶିତ ହୋଇଥିଲା । ସମସ୍ତ ଗୁରୁଜୀ ଗୁରୁମା ତଥା କମିଟି ସଦସ୍ୟମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।





**ପାଇକମାଲ:** ପାଇକମାଲ ବ୍ଲକ ଟେମରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଡୋଲାମଣୀ ଭୋଇଙ୍କ ସଭାପତିତ୍ୱରେ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ପଦ୍ମପୁର ଉପଜିଲ୍ଲାପାଳ ସ୍ନେହା ଅରଗୁଲା, ମୁଖ୍ୟ ବକ୍ତା ଭାବେ ଦହିତା କଲେଜ ଓଡ଼ିଆ ଅଧ୍ୟାପକ ଲମ୍ବୋଦର ତାଣ୍ଡି ଓ ସମ୍ମାନିତ ଅତିଥି ଭାବେ ପଦ୍ମପୁର ଏସଡିପିଓ ପାଣ୍ଡବ ଶବର, ଟେମରୀ ସରପଞ୍ଚ ଦିଲ୍ଲୀପ ବେହେରା, ବୁକୁରାମୁଣ୍ଡା ସରପଞ୍ଚ ଅନିତା ଭୋଇ ପ୍ରମୁଖ ଉପସ୍ଥିତ ଥିଲେ । ଛାତ୍ରୀ ଅଙ୍କିତା ପାଣିଗ୍ରାହୀ ସଭା ପରିଚାଳନା କରିଥିଲେ । ଗତ ବର୍ଷର ମାଟ୍ରିକ ଟପ୍ପର ସାଗରିକା ସାହୁଙ୍କୁ ପୁରସ୍କୃତ କରାଯାଇଥିଲା । ବିଦ୍ୟାଳୟରେ ୧୦୯ ଜଣ ଛାତ୍ରଛାତ୍ରୀ ପଢୁଥିବା ବେଳେ ଟେମରୀ ହାଇସ୍କୁଲରେ ମାଟ୍ରିକ ପରୀକ୍ଷାରେ ୯୪ ଜଣ ପାସହାର କରି ଗୌରବ ଆଣିଛି । ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ପରିଚାଳନା କମିଟି ସଭ୍ୟସଭ୍ୟା ପରିଚାଳନାରେ ସହଯୋଗ କରିଥିବା ବେଳେ ଛାତ୍ରୀ ସାପ୍ରା ପ୍ରିୟଦର୍ଶିନୀ ଭୋଇ ଧନ୍ୟବାଦ ଦେଇଥିଲେ ।

**ଭଟଲି:** ବରଗଡ଼ ଜିଲ୍ଲା ଭଟଲି ସତିହାରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଚନ୍ଦ୍ରମା ଡନସନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଶଶିଭୂଷଣ ସରାପ ଯୋଗ ଦେଇଥିଲେ । ଭଗବାନ ବେହେରା, ଜଗଦିଶ ସାହୁ, ସୂର୍ଯ୍ୟକାନ୍ତି ଭୋଇ, ଦିବ୍ୟକାନ୍ତି ଭୋଇ, ଲାବଣ୍ୟବତୀ ସାହୁ, ରବିନାରାୟଣ ସାହୁ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ । ଶ୍ରମତୀ ଡନସନା ସମସ୍ତ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ ଉପଢୌକନ ଦେଇ ସମ୍ମାନିତ କରିଥିଲେ । ଶିକ୍ଷୟିତ୍ରୀ ଝାଲେଶ୍ୱରୀ ପଟେଲ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ଗତବର୍ଷର ମାଟ୍ରିକ ଟପ୍ପର ଇଶା ପାଣିଗ୍ରାହୀ, ଚଳିତ ବର୍ଷର ସ୍ପୋର୍ଟ୍ସ ଚାମ୍ପିଅନ ସୁନେନା ବାଗ ଉଭୟଙ୍କୁ ସମ୍ମାନିତ କରାଯାଇଥିଲା । ବିଭିନ୍ନ କୃତୀ ଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଛାତ୍ରୀମାନଙ୍କ ଦ୍ୱାରା ନିଜେ ତିଆରି କରି ଆଣିଥିବା ବିଭିନ୍ନ ସୁସ୍ୱାଦୁ ଖାଦ୍ୟର ଏକ ଷ୍ଟଲ ଲଗାଇଥିଲେ ।

**ଥୁଆପାଲି:** ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ରେମଣ୍ଡା ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ସ୍ୱାଧୀନତା ସଂଗ୍ରାମୀ ତଥା ସମାଜସେବୀ ସ୍ୱର୍ଗତ ମଙ୍ଗଳୁ ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ପୂଜାର୍ଚ୍ଚନା ଓ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଶିକ୍ଷକ ଦେବପ୍ରସନ୍ନ ଦାଶ ଏହାକୁ ପରିଚାଳନା କରିଥିଲେ । ଏହି ଅବସରରେ ସଭା ଆୟୋଜିତ ହୋଇଥିଲା । ପିଏମଶ୍ରୀ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମହାଦେବ ଭୋଇ ଏଥିରେ ସଭାପତିତ୍ୱ କରିବା ସହ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଶିକ୍ଷକ ନୀରରଞ୍ଜନ ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ । ମୁଖ୍ୟ ଅତିଥି ଭାବେ ରେମଣ୍ଡା ପିଏମଶ୍ରୀ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ସନନ୍ତ ଦାଶ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ସୈନ୍ୟ ଅବନିନ୍ଦ୍ର ଗୁପ୍ତା ଓ ନୀରୋଜ ପାତ୍ର, ରେମଣ୍ଡା ସରପଞ୍ଚ ଉଦ୍ଧବ ବାରିକ, ଏସଏମସି ଚେୟାରମ୍ୟାନ ରାଶେଶ୍ୱରୀ ଭୋଇ, ପଞ୍ଚସଖା ଶିକ୍ଷା ସେତୁର ଉପସଭାପତି ଗଙ୍ଗାଧର ମେହେର ପ୍ରମୁଖ ଯୋଗ ଦେଇଥିଲେ । ଅତିଥି ମାନଙ୍କୁ ପୁଷ୍ପମାଲ୍ୟ ଓ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ଏସଏମସି ସଭ୍ୟ ଓ ପଞ୍ଚସଖା ଶିକ୍ଷା ସେତୁର ସଭ୍ୟ ଓ ବିଦ୍ୟାଳୟର ସମସ୍ତ କର୍ମଚାରୀ ମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଦେବପ୍ରସନ୍ନ ଦାଶ ଓ ନୀରରଞ୍ଜନ ପଟ୍ଟନାୟକ ଏଥିରେ ସହଯୋଗ କରିଥିଲେ । ବାର୍ଷିକ ଉତ୍ସବରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ପରିଚାଳନାରେ ସହଯୋଗ କରିଥିଲେ । ବିଦ୍ୟାଳୟର ଶିକ୍ଷକ ଅଭିଲାଷ ରଣା ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଛବିଳ ପ୍ରଧାନ ଓ ଅନୁପମା ପଣ୍ଡାଙ୍କ ଦ୍ୱାରା ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ ନୃତ୍ୟ, ନାଟକ, ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

